# କୋରାପୁଟର ଜଳଭଣ୍ଡାରରେ ପକ୍ଷୀ ଗଣନା

କୋରାପୁଟ/ଜୟପୁର/ନନ୍ଦପୁର, ୧୦।୧(ଅମିତାଭ ବେହେରା/ ପବନ ପାଣିଗ୍ରାହୀ/ଶଙ୍କର ପୂଜାରୀ)

କୋରାପୁଟ ବନାଞ୍ଚଳରେ ଥିବା ୫ ଟି ଜଳଭଣ୍ଡାରରେ ପକ୍ଷୀ ଗଣନା କାର୍ଯ୍ୟ ବୁଧବାର କରାଯାଇଛି। ୨୧ ପ୍ରକାରର ମୋଟ ୨୩୮୩ଟି ପକ୍ଷୀ ଚିହ୍ନଟ ହୋଇଥିବା କୋରାପୁଟ ବନାଞ୍ଚଳ ଅଧିକାରୀ ବିକାଶ କୁମାର ପାତ୍ର ସୁଚନା ଦେଇଛନ୍ତି। ପୂର୍ବବର୍ଷ ଅପେକ୍ଷା ୫୫୭ କମ ପକ୍ଷୀ ଥିବା ଜଣାପଡ଼ିଛି।

କୋରାପୁଟ ବନାଞ୍ଚଳ ଅଧୀନରେ ଥିବା କୋଲାବ ଜଳଭଣ୍ଡାର, ଦାମନଯୋଡ଼ିସ୍ଥିତ ଆଶ ପଣ୍ଡ, ଡଙ୍ଗ୍ରୀ ମାଳିଗୁଡା ଡ୍ୟାମ, ବାଗ୍ରା ଜଳଭଣ୍ଡାର ଓ ରାଣୀଗଡ଼ ଡ୍ୟାମ ସ୍ଥାନରେ ବନ ବିଭାଗର ୫ ଟିମ୍ ଏହି ପକ୍ଷୀ ଗଣନା କାର୍ଯ୍ୟ କରିଥିଲେ। ବୁଧବାର ସକାଳ୫ଟା ୩୦ରୁ ପୁର୍ବାହ୍ନ ୧୧ଟା ମଧ୍ୟରେ ପକ୍ଷୀ ଗଣନା କାର୍ଯ୍ୟ କରାଯାଇଥିବା ବନାଞ୍ଚଳ ଅଧିକାରୀ ବିକାଶ ପାତ୍ର ସୁଚନା ଦେଇଛନ୍ତି। ଜିପିଏସ୍ ରିଡିଙ୍ଗ ଦ୍ୱାରା ଏହି ପକ୍ଷୀ ଗଣନା କରାଯାଇଛି। କୋଲାବ ଜଳଭଣ୍ଡାରରୁ ସର୍ବାଧିକ ୧୨୧୫ ବିଭିନ୍ନ ପ୍ରକାରର ପକ୍ଷୀ ରହିଛନ୍ତି। ଦାମନଯୋଡି ଆଶ ପଣ୍ଡରେ ୬୧୪, ରାଣୀଗଡ଼ ଜଳଭଣ୍ଡାରରେ ୩୦୦,

## ନନ୍ଦପୁରରେ ୨ ନୂଆ ପ୍ରଜାତିର ପକ୍ଷୀ ଠାବ



କୋରାପୁଟ କୋଲାବ ଜଳଭଣ୍ଡାରରେ ବ୍ରାମଣୀ ସେଲ୍ ଡକ୍ ପକ୍ଷୀ।

ଡଙ୍ଗରୀମାଳିଗୁଡା ଡ୍ୟାମରେ ୧୬୭ ଏବଂ ବାଗ୍ରା ଜଳଭଣ୍ଡାରରେ ୮୦ ଟି ପକ୍ଷୀ ରହିଥିବା ଗଣନା ଜଣାଯାଇଛି। ଚଳିତ ବର୍ଷ ଚିହ୍ନଟ ହୋଇଥିବା ମୋଟ ୨୩୮୩ ଟି ପକ୍ଷୀ ମଧ୍ୟରୁ ବ୍ରାହ୍ମଣୀ ସେଲ ଡକ ପକ୍ଷୀ ସର୍ବାଧିକ ୧୧୬୪ ଅଛନ୍ତି। ନର୍ଦନ ପିନଟଲ ପକ୍ଷୀ ୪୧୪, ସାଧାରଣ ମଇନା ୨୧୬, କ୍ୟାଟେଲ ଇଗରଟ ୧୫୦, ସ୍ୱଟେଡ ଡଭ ୧୧୮, ଲିଟିଲ କରମୋରାଣ୍ଟ ପକ୍ଷୀ ୬୮ ରହିଥିବାବେଳେ ଅନ୍ୟ ୧୫ ପ୍ରକାର ପକ୍ଷୀ ଚିହ୍ନଟ କରାଯାଇଛି।

ସେହିପରି ଜୟପୁର ବନଖଣ୍ଡ ୬ ରେଞ୍ଜ ଅଧୀନ କୋଟପାଡ଼ର ଦମୟନ୍ତୀ ସାଗର, ଜୟପୁର ରେଞ୍ଜର ଜଗନ୍ନାଥ ସାଗର, ବୋରିଗୁମ୍ମା ରେଞ୍ଜର ମୁରାନଡ୍ୟାମ ତଥା ଇନ୍ଦ୍ରାବତୀ ରିଜର୍ଭ, ବୈପାରୀଗୁଡା ରେଞ୍ଜର ରାମଗିରୀ ଜଳାଶୟ ଓ କୁନ୍ଦୁରା ରେଞ୍ଜର ବାଗଦେରି ଜଳାଶୟରେ ପକ୍ଷୀଗଣନା କରାଯାଇଛି। ଜଳାଶୟମାନଙ୍କରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ଲକ୍ଷ୍ୟ କରାଯାଇଛି । ମାଚ୍ଚ ଦ୍ୱିତୀୟ ସପ୍ତାହ ଅଡକୁ ଏହି ପକ୍ଷୀମାନେ ନିଜ ନିଜ ଅଞ୍ଚଳକୁ ଫେରିବା ଆରମ୍ଭ କରିଥାନ୍ତି ବୋଲି ଜୟପୁର ଡିଏଫଓ ପ୍ରତାପ କୁମାର ବେହେରା କହିଛନ୍ତି।

ନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ବନବିଭାଗ କର୍ମକର୍ତ୍ତାଙ୍କୁ ନେଇ ଗଠିତ ୨ଟି ଟିମ୍ ପକ୍ଷୀ ଗଣାନା କରିଛନ୍ତି। ସେମିଳିଗୁଡା ବନାଞ୍ଚଳ ଅଧୀନ ନନ୍ଦପୁର ବନପାଳଙ୍କ ନେତୃତ୍ୱରେ ଗୋଟିଏ ଦଳ କୋଲାବ ରିଜର୍ଭରର କେଚେଲା ଅଞ୍ଚଳ ଓ ବାଲଡ଼ା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଦଳ କୋଲାପୁଟ ରିଜର୍ଭରର ଗେମେଲପୁଟ, ଚମ୍ପାପୁଟ ଓ ଡୁରୁବା ଅଞ୍ଚଳରେ ପକ୍ଷୀ ଗଣନା କରିଥିଲେ। ଗୋପୀନାଥ ପାଙ୍ଗିଙ୍କ ଦଳ ୨ ନୂଆ ପ୍ରଜାତିର ସେଲଡକ୍ ଓ ଲିଟିଲ୍ କର୍ମୋନେଣ୍ଟ ପକ୍ଷୀଠାବ କରିଛନ୍ତି। କେଚେଲାରେ ୭ ପ୍ରକାରର ପକ୍ଷୀ ଓ ସେମାନଙ୍କ ସଂଖ୍ୟା ୩୫୦୦ ଥିବା ଜଣାପଡ଼ିଛି। ଗେମେଲପୁଟ, ଚମ୍ପାପୁଟ ଓ ଡୁରୁବା ଅଞ୍ଚଳରେ ୨୩ ପ୍ରଜାତିର ୧୮୦୯ ପକ୍ଷୀ ଠାକ ହୋଇଛନ୍ତି। ପକ୍ଷୀ ଗଣନାରେ ନନ୍ଦପୁର ବନପାଳ-୨ ନିର୍ମଳ ଆନନ୍ଦ, ବନରକ୍ଷୀ ଅନୁସୁୟା ବାଗ, ବାଲଡ଼ା ବନପାଳ ସୁରେନ୍ଦ୍ର ଗୌଡ଼, ପାଡୁଆ ବନପାଳ ସ୍ୱର୍ଣ୍ଣାଞ୍ଜଳି କଅଁର ଓ ଜିତେନ୍ଦ୍ର ଖରା ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶିକ୍ଷକ, ଅଭିଭାବକଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ

ପାପଡ଼ାହାଣ୍ଡି,୧୦।୧(ସ୍ୱପ୍ନଜିତ୍ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଆଞ୍ଚଳିକ ସାଧନ କେନ୍ଦ୍ର ସେମଲାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବାବୁଲାଲ ହରିଜନ ଯୋଗଦେଇଥିଲେ। ବ୍ଲକ ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ସୁରଜ କୁମାର ପାତ୍ର, ପ୍ରଣବ କିଶୋର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଜଗନ୍ନାଥ ହରିଜନ, ପୀତବାସ ଭତ୍ତରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରହରି ମାଝିଙ୍କ ସମେତ ଦିବ୍ୟାଙ୍ଗ ପିଲାଙ୍କ ମା'ବାପା ଓ ଅଭିଭାବକ ଯୋଗଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବାବୁଲାଲ ହରିଜନ ସ୍ୱପ୍ନ ସାକାର କରିବାରେ ମା'ବାପାଙ୍କ ଭୂମିକା ଢେର୍ ବୋଲି କହିଥିଲେ। ସେମଲା ବିଦ୍ୟାଳୟ ଖେଳ ଶିକ୍ଷକ ଚେତାଳି ସା ଧନ୍ୟବାଦ ଦେଇଥିଲେ।

### ପାନାବେଡ଼ା ହାଇସ୍କୁଲର ୧୯୯୦ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଚନ୍ଦାହାଣ୍ଡି, ୧୦।୧(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ପାନାବେଡ଼ା ଉଚ୍ଚ ବିଦ୍ୟାଳୟର ୧୯୯୦ ମସିହାରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଫୁଲଝରି ଡ୍ୟାମ୍‌ରେ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ପ୍ରାକ୍ତନ ଛାତ୍ରମାନେ ପଢୁଥିବା ସମୟର ସ୍ମୃତିକୁ ମନେ ପକାଇଥିଲେ। ସମସ୍ତେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସହପାଠୀ ପ୍ରଦୀପ ମାଝି ପୂର୍ବତନ ଏମ୍‌ପି ଓ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ହୋଇ ଜାତୀୟସ୍ତରରେ ରାଜନୈତିକ ବ୍ୟକ୍ତିଭାବେ ପରିଚୟ ପାଇଥିବାରୁ ସମସ୍ତେ ପ୍ରଦୀପ ମାଝିଙ୍କୁ ଅଭିନନ୍ଦନ ଜଣାଇଥଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ଯତୀନ୍ଦ୍ର ନାୟକ, ବଂଶୀଧର ଦାଶ, ତ୍ରିପତି ଦଳେଇ, ମିଟୁ ଦାସ, ଗୋପାଳ କୃଷ୍ଣ ପଟ୍ଟନାୟକ, ସାଗର ଶତପଥୀ, ଦେବରାଜ ମୁଣ୍ଡ, ପ୍ରଭାକର ମହାପାତ୍ର, ଆଶୋକ ପଣ୍ଡା, ଦେବ ସାହୁ, ଘନଶ୍ୟାମ କଟା, ରାମେଶ୍ୱର ମାଝି, ସୁରେନ୍ଦ୍ର ଦାଶ, ବୃନ୍ଦାବନ ସାହୁ, ଯୋଗେନ୍ଦ୍ର ବେଶ୍ରା, କ୍ଷେତ୍ରମୋହନ ସାହୁ, ରାମଜୀ ଲାଲ ପୋଡ଼, ଦେବେନ୍ଦ୍ର ପୁଷ୍ପବିହାରୀ, ସନ୍ତୋଷ ଦାଶ, ସୁବଳ ବାଘ, ରାମେଶ୍ୱର ମାଝି, କୁମର ବାଘ, ନାରାୟଣ ହଂସ ପ୍ରମୁଖ ଉପସ୍ଥିତ ଥିଲେ।

### ବଣ୍ଟାଗଲା ଅକ୍ଷତ ଚାଉଳ



ଉମରକୋଟ, ୧୦।୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ୱାର୍ଡ ନମ୍ବର ୧୧ର ଘରେ ଘରେ ଅକ୍ଷତ ଚାଉଳ ବଣ୍ଟାଯାଇଛି। ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ଓ ନିମନ୍ତ୍ରଣ ପତ୍ର ଦର୍ଗାଗୁଡ଼ାସ୍ଥିତ ରାଧାକୃଷ୍ଣ ମନ୍ଦିରରେ ରଖାଯାଇଥିଲା। ତାହାକୁ ୱାର୍ଡର ବାଙ୍ଗୀୟ ଗ୍ରାମ ୟୁଭି-୪ ଓ ଆଦିବାସୀ ମାଳିଗୁଡ଼ା ଗ୍ରାମର ଶତାଧିକ ଲୋକ, ରାମଭକ୍ତ ଶୋଭାଯାତ୍ରାରେ ନେଇ ନିଜ ନିଜ ଗ୍ରାମରେ ବଣ୍ଟନ କରିଥିଲେ। ଏହାପରେ ଦର୍ଗାଗୁଡ଼ା ଗ୍ରାମରେ ଅକ୍ଷତ ଚାଉଳ ଓ ନିମନ୍ତ୍ରଣ ପତ୍ର ବଣ୍ଟାଯାଇଥିଲା। ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ହେବ। ଦର୍ଗାଗୁଡ଼ା ରାଧାକୃଷ୍ଣ ମନ୍ଦିରରେ ସମସ୍ତ ୱାର୍ଡବାସୀ ଏକାଠି ହୋଇ ରାମନାମ ସ୍ମରଣକରି ସଂକୀର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଥିବା ଉପଦେଷ୍ଟା କୃଷ୍ଣ ନନ୍ଦ ଜଣାଇଛନ୍ତି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ସଭାପତି ଲଖଣ ଗୌଡ଼, ସମ୍ପାଦକ ସତ୍ୟନାରାୟଣ ରାଉତ, ସହସମ୍ପାଦକ ବନମାଳୀ ମାଝି, ଉପସଭାପତି ରାମକୃଷ୍ଣ ପଟ୍ଟନାୟକ, କୋଷାଧକ୍ଷ ପେଣ୍ଡ୍ରା ଜେନା, ପୂଜକ ସନ୍ତୋଷ ମିଶ୍ର, ଉପଦେଷ୍ଟା ଭାଗୀରଥି ସେଠୀ,କୁର୍ଷ ମାଝି, ଉଦ୍ଧବ ସମରଥ, ବୁଦୁରାମ ପୂଜାରୀ, ବୁଲା ପଟ୍ଟନାୟକ, ରାଜେଶ୍ୱରୀ ରାଉତ, ନିର୍ମଳା ଜେନା, ଶାନ୍ତିଲତା ରାଉତ, ଲକ୍ଷ୍ମୀ ସେଠୀ, ଚମରୁ ପୂଜାରୀ, ସିପ୍ରି ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ଶିବିରରେ ଶିଖାଯାଉଛି ଇଭିଏମ୍ ବ୍ୟବହାର



ନାରାୟଣପାଟଣା, ୧୦।୧(ରାଜକିଶୋର ଜେନା)

କୋରାପୁଟ ସଂସଦୀୟ କ୍ଷେତ୍ର ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ନାରାୟଣପାଟଣା ବ୍ଲକ୍‌ରେ ବୁଧବାରଠାରୁ ଗାଁ ଗାଁରେ ବୁଥ୍‌ସ୍ତରୀୟ ଇଭିଏମ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଟର ଇଭିଏମ୍‌ରେ କିପରି ଠିକ୍ ଭାବେ ମତଦାନ କରିବେ, ଗୋଟିଏ ବି ଭୋଟ ଯେପରି ନାକଚ ନ ହୋଇ ଶତ ପ୍ରତିଶତ ନିର୍ଭୁଲ୍ ମତଦାନ ହୋଇପାରିବ ତାହା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ନାରାୟଣପାଟଣା ବ୍ଲକର ୪୯ ବୁଥ୍‌ରେ ଇଭିଏମ୍ ପହଞ୍ଚି ସାରିଥିବା ବେଳେ ନିର୍ବାଚନ ସମୟରେ ଭୋଟର କିପରି ଏହା ବ୍ୟବହାରକରି ମତଦାନ କରିବେ ସେ ନେଇ ସଚେତନ କରାଯାଇଛି। କଡ଼ା ସୁରକ୍ଷାରେ ବୁଧବାର ୨ଟି ଇଭିଏମ୍ ନେଇ ସତିଖାଲ, ଇନ୍ଦିରା କଲୋନି, କୁମ୍ଭାରସାହି, ଧେପଗୁଡ଼ା, ଗଧବଗୁଡ଼ା ଗାଁରେ ଡେମୋ ଦେଖାଯାଇଥିଲା। ଭୋଟରଙ୍କୁ ଇଭିଏମ୍ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅକ୍ଷୟ ପାଲ୍, କନିଷ୍ଠ ଯନ୍ତ୍ରୀ ଅକ୍ଷୟ ସାହୁ, ଗ୍ରାମ୍ୟ ଜଳ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀ, ସବୀର ପ୍ରଧାନ, ତ୍ରିନାଥ ମିଶ୍ର, ଗୃହରକ୍ଷୀ ବାପୁଜୀ ନାଲା ପ୍ରମୁଖ ଉପସ୍ଥିତ ଥିଲେ। ନାରାୟଣପାଟଣା ପଞ୍ଚାୟତର ୧୨ ଗୋଟି ବୁଥ୍‌ରେ ଥିବା ପ୍ରତ୍ୟେକ ସାହି, ଗାଁରେ ଶିବିର କରି ଇଭିଏମ୍ ବ୍ୟବହାର ବିଷୟରେ ସଚେତନ କରାଯିବ ଓ ପର୍ଯ୍ୟାୟକ୍ରମେ ଅନ୍ୟ ଗାଁରେ ସଚେତନତା କରାଯିବ ବୋଲି ନୋଡାଲ ଅଫିସର ସୂଚନା ଦେଇଛନ୍ତି।

# ଲାଇଫ୍ ଜ୍ୟାକେଟ ପିନ୍ଧି ଡଙ୍ଗା ପାରିହେବାକୁ ସଚେତନତା

ଦଶମନ୍ତପୁର, ୧୦।୧ ( ଅରବିନ୍ଦ ନାୟକ )



ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆରଶୁଣି ପଞ୍ଚାୟତର ଜଟିଆଗୁଡ଼ା ଗାଁସ୍ଥିତ ମୁରାନ ଡ୍ୟାମ ଜଳଭଣ୍ଡାରରେ ଜୀବନକୁ ବାଜି ଲଗାଇ ଦେଶୀ ଡଙ୍ଗାରେ ପାରି ହେଉଥିବା ଜଳଯାତ୍ରୀ ଓ ନାବିକଙ୍କୁ ବୁଧବାର ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ ସଚେତନ କରିଛନ୍ତି। ଜଳଯାତ୍ରା ସମୟରେ ନାବିକମାନେ ଲାଇଫ ଜ୍ୟାକେଟ ପିନ୍ଧିବା ସହ, ଯାତ୍ରୀମାନଙ୍କୁ ମଧ୍ୟ ବ୍ୟବହାର କରିବା ଲାଗି ପରାମର୍ଶ ଦେଇଥିଲେ। ଏଥିସହ ପ୍ରତିଦିନ ନଦୀ ପାର ହେଉଥିବା ଯାତ୍ରୀଙ୍କ ନାମ ଓ ଠିକଣା ଲେଖି ରଖିବା ଲାଗି କହିଥିଲେ।

ସୂଚନାଯୋଗ୍ୟ, ୧୯୮୦ରେ ମରାନ ନଦୀରେ ଡ୍ୟାମ ନିର୍ମାଣ ହୋଇଥିଲା। ଏହା ପରେ ଡ୍ୟାମରେ ପାଣି ଜମିବା ଦ୍ୱାରା ଏହି ପଞ୍ଚାୟତର ୧୨ଖଣ୍ଡ ଗାଁ ଜଳ ବନ୍ଦୀ ହୋଇଗଲେ। ଆଜକୁ ପାଖାପାଖି ୩୦ ବର୍ଷ ହେଲା ଡ୍ୟାମର ଉଭୟ ପାର୍ଶ୍ୱରେ ଥିବା ଗାଁଗୁଡ଼ିକ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଦୈନନ୍ଦିନ କାର୍ଯ୍ୟ ଟଙ୍କିଆ ଚାଉଳଠାରୁ ଆରମ୍ଭ କରି, ଡାକ୍ତରଖାନା, ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗ୍ରାମବାସୀ ବ୍ଲକକୁ ଯିବାକୁ ହେଲେ ଦେଶୀ ଡଙ୍ଗା ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ଡଙ୍ଗା ଓଲଟି ଲୋକଙ୍କ ଜୀବନ ଯାଇଛି। ଏଥିରେ କେବଳ ଗୋଟିଏ ପଞ୍ଚାୟତବାସୀ ନୁହେଁ, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲାର କେତେକ ବ୍ଲକବାସୀ ଡଙ୍ଗାରେ ଯାତାୟାତ କରନ୍ତି। ତେଣୁ ବହୁ ଦାବି ପରେ ଏବେ ସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୋଲ ନିର୍ମାଣ ହେଲେ ଉପରୋକ୍ତ ୩ ଖଣ୍ଡ ଗ୍ରାମବାସୀ ଉପକୃତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି। ତହସିଲଦାରଙ୍କ ଗସ୍ତ ସମୟରେ ତାଙ୍କ ସହିତ ଆର୍‌ଆଇ, ସୁପରଭାଇଜ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମାନସିକ ଅନଗ୍ରସର ଝିଅ ସେମିଳିଗୁଡ଼ାରୁ ଉଦ୍ଧାର

କୋରାପୁଟ,୧୦।୧(ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରଶାସନ ଓ ଏକତା ଅନୁଷ୍ଠାନର ମିଳିତ ସହଯୋଗରେ ଜିଲାର ସେମିଳିଗୁଡ଼ା ବସଷ୍ଟାଣ୍ଡରୁ ମାନସିକ ଅନଗ୍ରସର ଝିଅ ଲକ୍ଷ୍ମୀ କୁଲଦୀପଙ୍କୁ ଉଦ୍ଧାର କରାଯାଇଛି। ଏହି ଉଦ୍ଧାର ପ୍ରକ୍ରିୟାରେ ସ୍ଥାନୀୟ ସାମାଜିକ କର୍ମୀ, ପୋଲିସ କର୍ମଚାରୀ ଏବଂ କୋରାପୁଟ ଜିଲା ସାମାଜିକ ସୁରକ୍ଷା ବିଭାଗ ଏକତା ଅନୁଷ୍ଠାନକୁ ସାହାଯ୍ୟ କରିଥିଲେ। ସୁନାବେଡ଼ା ଡାକ୍ତରଖାନାରେ ସମସ୍ତ ଆନୁଷଙ୍ଗିକ ଚିକିତ୍ସା ପରେ ତାଙ୍କୁ ଦୁରୁଗୁଡ଼ାସ୍ଥିତ ଏକତାର ମାନସିକ ଅନଗ୍ରସର ଆଶ୍ରୟସ୍ଥଳୀକୁ ପଠାଯାଇଥିବା ଏକତା ସଭାପତି ଦୁର୍ଗା ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି।

## ୬୦ ଛାତ୍ରୀଛାତ୍ରଙ୍କୁ ଜିଲାପାଳଙ୍କ ଶୁଭେଚ୍ଛା

ସୁନାବେଡା/ସେମିଳିଗୁଡା, ୧୦।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ଓ କେନ୍ଦ୍ରସ୍ତରୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ସେମିଳିଗୁଡାରେ ଶହୀଦ ଲକ୍ଷ୍ମଣ ନାୟକ ପ୍ରତିଯୋଗିତାମୂଳକ ଅନୁଶିକ୍ଷଣ କେନ୍ଦ୍ର ଖୋଲାଯାଇଥିଲା। ଏଥିରେ ୬୦ ଜଣ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ବ୍ୟବସ୍ଥା ହୋଇଛି। ଏଠାରେ ଅଧ୍ୟୟନ କରୁଥିବା ୬୦ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ଜିଲାପାଳ ଅବଦଲ ଏମ. ଆଖତାରଙ୍କ ପକ୍ଷରୁ ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତା ସହ ଗୋଟିଏ ଲେଖାଏ ଡାଇରୀ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ତରଫରୁ ସୁନାବେଡା ପୌର ଅଧିକାରୀ ନାରାୟଣ ନାୟକ, ସମାଜିକ କର୍ମୀ ନବୀନ ଗରଡ଼ା, ଅନୁଷ୍ଠାନର ପାଠ୍ୟକ୍ରମ ସଂଯୋଜକ ଡ ଚନ୍ଦ୍ର ଖେମୁଣ୍ଡ ଉପସ୍ଥିତ ଥିଲେ।

# ପାଠରେ ମନଦେଇ ଲକ୍ଷ୍ୟ ପଥରେ ବଢ଼ିବାକୁ ପରାମର୍ଶ



ଜଣେ କୃତୀ ପ୍ରତିଯୋଗୀଙ୍କୁ ଏମ୍‌ପି ରମେଶ ଚନ୍ଦ୍ର ମାଝି ପୁରସ୍କୃତ କରୁଛନ୍ତି।

ପାପଡ଼ାହାଣ୍ଡି,୧୦।୧(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଳେଇଗୁଡ଼ା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରାଙ୍କ ସଭାପତିତ୍ୱରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଡବ୍ଲୁଇଓ ଦେବବ୍ରତ ପରିଡ଼ା, ବଦ୍ରି ନାରାୟଣ ସିଂ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପଢ଼ାରେ ମନଦେଇ ଲକ୍ଷ୍ୟ ପଥରେ ବଢ଼ିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ମୃଦଙ୍ଗ ବଜାଇ ଅର୍ପଣ ରଥକୁ ବିଡିଓଙ୍କ ସ୍ୱାଗତ

## ଭାବବିହ୍ୱଳ ହୋଇ ନାଚିଲେ ବୃଦ୍ଧା, ଚାଉଳ ଦେଲେ ଦୃଷ୍ଟିବାଧିତ ବୃଦ୍ଧ



ତେନ୍ତୁଳିଖୁଣ୍ଟି, ୧୦।୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟିର ବିଭିନ୍ନ ବ୍ଲକରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରି ଚାଉଳ ଏବଂ ଗୁଆ ସଂଗ୍ରହ କରୁଛି। ଏଥିରେ ବହୁ ଜଗନ୍ନାଥପ୍ରେମୀ ସାମିଲ ହୋଇ ଭକ୍ତିଭାବରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାଉଳ, ଗୁଆ ଅର୍ପଣ କରୁଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁରେ ଜଣେ ଦୃଷ୍ଟିବାଧିତ ବୃଦ୍ଧ ବ୍ୟକ୍ତି ଯିଏକି ଚାଲିବାକୁ ଅସମର୍ଥ, ସେ ଏହି ଅର୍ପଣ ରଥ ପାଖକୁ ଆସି ଜୁହାର ହୋଇ ଚାଉଳ, ଗୁଆ ଦେଇଛନ୍ତି। ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ମୃଦଙ୍ଗ ବଜାଇ କୀର୍ତ୍ତନ କରି ଅର୍ପଣ ରଥ ସହ ବୁଲିଥିଲେ। ବାଗନାଗୁଡ଼ାର ୮୦ ବର୍ଷୀୟା ଜଣେ ବୃଦ୍ଧା ଜଗନ୍ନାଥଙ୍କ ଭଜନ ଓ କୀର୍ତ୍ତନ ଶୁଣି ଭାବରେ ନୃତ୍ୟ କରୁଥିବା ଦୃଶ୍ୟ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ତେନ୍ତୁଳିଖୁଣ୍ଟି ବ୍ଲକ ଭାଇସ୍ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀଙ୍କ ସମେତ ବହୁ ଗ୍ରାମବାସୀ ଜଗନ୍ନାଥ ଭଜନରେ ନୃତ୍ୟ କରିଥିଲେ।

# ନଭେମ୍ବରରୁ ଜିଲା ଶ୍ରମ ଅଧିକାରୀ ଅନୁପସ୍ଥିତ

ନବରଙ୍ଗପୁର,୧୦।୧(ସଦାଶିବ ପ୍ରହରାଜ)

- ୧୫ ସୁଦ୍ଧା ପଦବୀ ପୂରଣ ନହେଲେ ଆନ୍ଦୋଳନ ଚେତାବନୀ
- ଜିଲାପାଳଙ୍କୁ ବିଭିନ୍ନ ସଂଗଠନର ଦାବିପତ୍ର

ନବରଙ୍ଗପୁର ଜିଲା ଶ୍ରମ ଅଧିକାରୀଙ୍କ ପଦବୀ ନଭେମ୍ବର ୨୩ରୁ ଖାଲି ରହିଛି। ଏହି ସ୍ଥାନ ତୁରନ୍ତ ପୂରଣ କରିବାକୁ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବବୋଲି ଚେତାବନୀ ଦିଆଯାଇଛି।

ନବରଙ୍ଗପୁର ଶ୍ରମ ଅଧିକାରୀ ଫୁଲବାଣୀରେ ଥିବାବେଳେ ତାଙ୍କ ନାମରେ ଲାଞ୍ଚ ନେବା ଅଭିଯୋଗ ଭିଜିଲାନ୍ସ୍ୱାର ଥିଲା। ଭିଜିଲାନ୍ସ କୋର୍ଟ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାପରେ ସେ ୨୦୨୩ ନଭେମ୍ବର ୨୩ରୁ ଅନୁପସ୍ଥିତ ଅଛନ୍ତି। ଏହାଦ୍ୱାରା ଜିଲାର ସମସ୍ତ ବ୍ଲକର ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା ଏବଂ ଶିକ୍ଷା ସହାୟତା ରାଶି ମିଳୁନି। ନୂତନ କାର୍ଡ ତଥା ନବୀକରଣ ମଧ୍ୟ ଅନୁମୋଦନ ହୋଇପାରୁନାହିଁ। ଏକ ମାସରୁ ଅଧିକା ହେବ ଶ୍ରମ ଅଧିକାରୀ ଅନୁପସ୍ଥିତ ଥିବା ଯୋଗୁ ଜିଲାର ସମସ୍ତ କାର୍ଯ୍ୟ ବନ୍ଦ ରହିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଯଦି ଦାବି ପୁରଣ କରା ନଯାଏ, ତାହା ହେଲେ ସମସ୍ତ ସଙ୍ଗଠନ ପକ୍ଷରୁ ନବରଙ୍ଗପୁର ଶ୍ରମ କାର୍ଯ୍ୟାଳୟକୁ ତାଲା ଦେଇ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଦାବିର ଏକ ନକଲ ଶ୍ରମ ଆୟୁକ୍ତ ଓ ସଚିବଙ୍କୁ ପଠାଯାଇଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଭାରତୀୟ ମଜଦୂର ସଂଘ ଓ ଓଡ଼ିଶା କୋଠାବାଡ଼ି ନିର୍ମାଣ ମଜଦୂର ସଂଘ ସଭାପତି ପରମେଶ୍ୱର ବିଷୋୟୀ, ବିଶ୍ୱକର୍ମା ମଜଦୂର ସଂଘ ସମ୍ପାଦକ ଖଗେଶ୍ୱର ବିଷୋୟୀ, ସ୍ୱାବିମାନ କୁଲିମଜୁରିୟା ଏବଂ ରାଜ ମିସ୍ତ୍ରୀ ସଂଘ ସମ୍ପାଦକ ସୁଜିତ କୁମାର ହିଆଲ, ଓମ୍ ନୀଳକଣ୍ଠେଶ୍ୱର ରାଜମିସ୍ତ୍ରୀ ସଂଘ ସଭାପତି ଭୁବନ ବାଘ, କୁଲିମଜୁରିୟା ସଂଘ ସମ୍ପାଦକ ରମେଶ ଡ଼ଙ୍ଗରୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜାଣିବାକୁ ନବରଙ୍ଗପୁର ଶ୍ରମ ଆୟୁକ୍ତ କୁବେର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ

ନବରଙ୍ଗପୁର, ୧୦।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରେଡକ୍ରସ ସୋସାଇଟି ପକ୍ଷରୁ ଜିଲାପାଳ ତଥା ଜିଲା ରେଡକ୍ରସ ଅଧ୍ୟକ୍ଷ ଡଃ କମଳ ଲୋଚନ ମିଶ୍ର ଯକ୍ଷ୍ମା ରୋଗୀଙ୍କୁ ମାଗଣାରେ ପୃଷ୍ଟିକର ଖାଦ୍ୟ ଥଳି ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳିପ୍ରସାଦ ବେହେରା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁକାନ୍ତ ଶତପଥୀ, ଜିଲା ଜରୁରୀକାଳୀନ ଅଧିକାରୀ ଅମୃତ ରାଉଳ, ପି. ମନସ୍ୱିତା, ଜୁନିୟର ରେଡ୍‌କ୍ରସ ଅଧିକାରୀ ନାରାୟଣ ପାଇକରାୟ, ଯୁବ ରେଡକ୍ରସ ସଂଯୋଜକ ଅଖିଳ ଭଞ୍ଜ, ରାଜସ୍ୱ ଅଧିକାରୀ ଆଶୁତୋଷ ପାତ୍ର, ଜୀ. ଶ୍ରୀନୁ, ବିନାୟକ ଖାଡଙ୍ଗା, ଶିବଶଙ୍କର ପାଢି, ଆଶ୍ୱିନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଜରୁରୀକାଳୀନ ବିଭାଗ ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପରିଚାଳନା କରିଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ସହାୟତା ପାଇଥିବା ଯକ୍ଷ୍ମାରୋଗୀ।

# ବୈଠକରେ କିନ୍ନରଙ୍କ ସମସ୍ୟା ନେଇ ଆଲୋଚନା

ନବରଙ୍ଗପୁର,୧୦।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଗାନ୍ଧୀନଗର ତପୋବନ ପରିସରରେ ଜିଲା କିନ୍ନର ସଂଘ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର କିନ୍ନରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କିନ୍ନର ସଂଘ ସଭାପତି କାଜୋଲ କିନ୍ନର ଏବଂ ସମ୍ପାଦକ ଚୁମୁକି କିନ୍ନର ବର୍ଷ ତମାମ ସଂଘର ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ।

ଜିଲା କିନ୍ନର ସଂଘ ହେବା ପରଠାରୁ ଯେଉଁ କିନ୍ନର ସରକାରଙ୍କ ଯୋଜନା ମୁତାବକ ଚାଉଳ ଏବଂ ପେନ୍‌ସନ ପାଉ ନ ଥିଲେ ସେମାନଙ୍କୁ ତାହା ଦିଆଯାଉଛି। ପ୍ରଥମ ଥର ପାଇଁ କିନ୍ନରମାନଙ୍କ ପାଇଁ ଶ୍ରମିକ ପରିଚୟ ପତ୍ର କରାଗଲା। ଏ ନେଇ ଜିଲା ଶ୍ରମ ବିଭାଗର କର୍ମକର୍ତ୍ତା କୃଷ୍ଣପ୍ରସାଦ ରଥ ଏବଂ ଜିଲାପାଳ ଡ. କମଳ ଲୋଚନ



ବୈଠକରେ ଯୋଗଦେଇଥିବା କିନ୍ନରମାନେ।

ମିଶ୍ରଙ୍କୁ ବୈଠକରେ ସମସ୍ତ ସଦସ୍ୟ ସାଧୁବାଦ ଜଣାଇଥିଲେ। ସେହିପରି ପ୍ରଥମ ଥର ପାଇଁ ନବରଙ୍ଗପୁର ଜିଲା ମଧ୍ୟରେ ବେସରକାରୀ ବସରେ କିନ୍ନରଙ୍କ ପାଇଁ ପାସ୍‌ର ବ୍ୟବସ୍ଥା କରାଯାଇଛି। ନବରଙ୍ଗୁପୁର ଏବଂ ଉମରକୋଟ ବସ୍ ମାଲିକ ସଂଘ ସଭାପତି ପ୍ରକାଶ ତ୍ରିପାଠୀ, ଏମ୍ . ପେଣ୍ଡରା ରାଓଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଉଜ୍ଜ୍ୱଳା ଯୋଜନାରେ ଅଳ୍ପ କେତେଜଣ କିନ୍ନର ଗ୍ୟାସ ଏବଂ ଚୁଲା ପାଇଥିବା ବେଳେ ଅନ୍ୟମାନଙ୍କ ପାଇଁ ଆବେଦନ କରାଯାଇଛି। ସେମାନଙ୍କୁ ଶୀଘ୍ର କିପରି ଏହା ମିଳିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଛି। ଏ ନେଇ ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି ବୋଲି କୁହାଯାଇଛି। କିନ୍ନରଙ୍କ ପାଇ ସ୍ଥାନୀୟ ଚଟାହାଣ୍ଡିରେ ଏକ ଆଶ୍ରୟ ଗୃହ ନିର୍ମାଣ କରାଯାଇଥିବା ଯୋଗୁ ସମସ୍ତ କିନ୍ନର ଖୁସି ବ୍ୟକ୍ତ କରିଥିଲେ। ଜାଗା ସହ ଗୃହ ଯୋଗାଇଦେବାକୁ ସରକାରଙ୍କୁ ଅନୁରୋଧ କରାଯିବ। ନବରଙ୍ଗପୁର ପୌରପାଳିକା, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟ ଜିଲାସ୍ତରୀୟ କାର୍ଯ୍ୟାଳୟରେ କିନ୍ନରମାନଙ୍କୁ ଚାକିରି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଅନୁରୋଧ କରାଯିବା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଗଲା। ନୂତନ ଭାବେ ସଂଘରେ ଯୋଗଦେଇଥିବା ଅଜୟ ନାୟକଙ୍କୁ ସ୍ୱାଗତ କରାଯାଇଥିଲା। କିନ୍ନର ପରମ୍ପରା ଅନୁଯାୟୀ ତାଙ୍କର ନାମକରଣ କରାଯାଇଥିଲା। ତାଙ୍କ ନାମ ଈପ୍‌ସିତା କିନ୍ନର ରଖାଯାଇଛି। ବୈଠକରେ ଗୁରୁ କିନ୍ନର, ବର୍ଷା କିନ୍ନର, ଅନିତା କିନ୍ନର ଓ ବୋଇଦି କିନ୍ନର ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସହ ସମ୍ପାଦକ ପ୍ରୀତି କିନ୍ନର ଧନ୍ୟବାଦ ଦେଇଥିଲେ।

# ମହିଳା ମାଓବାଦୀଙ୍କ ଆତ୍ମ ସମର୍ପଣ

ମାଲକାନଗିରି,୧୦।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍ମା ଜିଲାରେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବହୁ ପରିମାଣର ଅସ୍ତ୍ର, ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ସୁକ୍ମା ଜିଲାର ଦନ୍ତେସପୁରମ୍ ଏବଂ କୋରାଜୁଗଡା ମଧ୍ୟରେ ଥିବା ପାହାଡରେ ବହୁ ସଂଖ୍ୟାରେ ମାଓବାଦୀ ଥିବା ଏବଂ ବିଭିନ୍ନ ମାଓବାଦୀ ସାମଗ୍ରୀ ରହିଥିବା ଖବର ପାଇ ସୁକ୍ମା ପୋଲିସ, ଡିଆର୍‌ଜି ଓ ବସ୍ତର ଫାଇଟର ଯବାନମାନଙ୍କ ଦ୍ୱାରା ସର୍ଚ୍ଚ ଅପରେଶନ କରାଯାଇଥିଲା। ସେଠାରେ ଯବାନମାନେ ପହଞ୍ଚିବା ବେଳକୁ ମାଓବାଦୀମାନେ ସେଠାରୁ ପଳାଇଯାଇଥିଲେ। ଯବାନମାନେ ଖୋଜାଖୋଜି କରିବା ସମୟରେ ଜଙ୍ଗଲ ରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣ ସମଗ୍ରୀ ଓ ଅସ୍ତ୍ର ଶସ୍ତ୍ର ଜବତ କରାଯାଇଥିଲା। ଜବତ ସାମଗ୍ରୀ ମଧ୍ୟରେ ୩ ବ୍ୟାରେଲ ଗ୍ରେନେଡ୍ ଲଞ୍ଚର ସହ ୧୮ଟି ସେଲ, ୧୨ବନ୍ଧୁକ, ୩୦ ବୋମା, ବ୍ୟାଗ, ଲାଲ୍ କପଡା ଏବଂ ଅନ୍ୟାନ୍ୟ ଦୈନିକ ବ୍ୟବହାର ସାମଗ୍ରୀ ଉଦ୍ଧାର କରାଯାଇଥିଲା।



ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ।

# ସୀମାନ୍ତରୁ ବିପୁଳ ମାଓବାଦୀ ସାମଗ୍ରୀ ଜବତ


ଜବତ ମାଓବାଦୀ ସାମଗ୍ରୀ।

ମାଲକାନଗିରି,୧୦।୧(ଦୁର୍ଯ୍ୟୋଧନ ପାତ୍ର)

୧ ଏକ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀ ବୁଧବାର ମାଲକାନଗିରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମହିଳା ମାଓବାଦୀ ଜଣକ ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲା କଟକଲ୍ୟାଣ ଥାନା ପିତାଦାବ ଗ୍ରାମ ନିବାସୀ ଉଙ୍ଗି ମାଡବି ଓରଫ ରୋସନି। ସେ ୨୦୧୬ରେ ମାଲକାନଗିରି ଜିଲା ସିପିଆଇ ମାଓବାଦୀ ସଂଗଠନରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଛତିଶଗଡ଼ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ପାର୍ଟି ସଦସ୍ୟ ଭାବେ ଯୋଗଦେଇଥିଲେ। ଅନ୍ୟପକ୍ଷରେ ସଂଗଠନର ବରିଷ୍ଠ ମାଓବାଦୀଙ୍କ ଆଦର୍ଶ ବର୍ତ୍ତମାନ ନାହିଁ। ଫଳରେ ବହୁ ମାଓବାଦୀ ଆତ୍ମସମର୍ପଣ କରି ସାରିଲେଣି। ତେଣୁ ସମାଜର ମୁଖ୍ୟସ୍ରୋତରେ ସାମିଲ ସହ ସାଧାରଣ ଜୀବନ ଯାପନ ବିତାଇବା ପାଇଁ ସେ ଆତ୍ମସମର୍ପଣ କରିଥିବା ସୂଚନା ଦେଇଛନ୍ତି।

ବର୍ତ୍ତମାନ ଜିଲା ସୀମାନ୍ତ ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ଼ ନିକଟସ୍ଥ ମହୁପଦର, ଟେମୁରୁପାଲ୍ଲୀ, କର୍ତ୍ତନପାଲ୍ଲୀ ଓ ତୁଳସୀଠାରେ ବିଏସ୍‌ଏଫ୍ କ୍ୟାମ୍ପ ହେବା ପରେ ବହୁ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସରକାର ଉକ୍ତ ମହିଳା ମାଓବାଦୀଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା କରିଛନ୍ତି। ସେ ବର୍ତ୍ତମାନ ଆତ୍ମସମର୍ପଣ କରିଥିବାରୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯିବା ସହ ତାଙ୍କୁ ଥଇଥାନ କରାଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ମାଲକାନଗିରି ଏସ୍‌ପି ନୀତୀଶ୍ ବାଧ୍ୱାନୀ ସୂଚନା ଦେଇଛନ୍ତି ।

# ମାଲକାନଗିରି ଜିଲାରେ ପକ୍ଷୀ ଗଣନା



ମାଲକାନଗିରି, ୧୦।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବନଖଣ୍ଡରେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଜିଲାର ୧୦ଟି ସ୍ଥାନରେ ୧୦ଟିମ୍‌କୁ ନେଇ ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା କରାଯାଇଥିଲା। ମୋଟ ୫୫ ପ୍ରଜାତିର ବିଦେଶାଗତ ପକ୍ଷୀ ଥିବା ଜଣାପଡ଼ିଛି । ଆକଳନରେ ମାଲକାନଗିରି ବନାଞ୍ଚଳର ସତୀଗୁଡା ବନ୍ଧ, ମାଥିଲି ବନାଞ୍ଚଳର ଶିବ ସାଗର ଏବଂ ବାଲିମେଲା ମାଟିବନ୍ଧ ଚିତ୍ରକୋଣ୍ଡାଠାରେ ସର୍ବାଧିକ ବିଦେଶାଗତ ପକ୍ଷୀଙ୍କର ଆଗମନ ହୋଇଥିବା ଦେଖାଯାଇଛି। ବିଗତ ବର୍ଷମାନଙ୍କ ତୁଳନାରେ ଚଳିତ ବର୍ଷ ସର୍ବାଧିକ ପକ୍ଷୀ ଏବଂ ବିଦେଶାଗତ ପକ୍ଷୀଙ୍କ ପ୍ରଜାତିର ଆଗମନ ହୋଇଛି। ତେବେ ଏହି ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ମଧ ବନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରୁଥିବା ଦେଖାଯାଇଛି। ଚଳିତବର୍ଷ ପକ୍ଷୀଗଣନା ନିମନ୍ତେ ଜାନୁଆରୀ ୮ ରୁ ସମସ୍ତ ପ୍ରସ୍ତୁତି କାର୍ଯକ୍ରମ ଚାଲିଥିବା ବେଳେ କ୍ଷେତ୍ର କର୍ମଚାରୀମାନଙ୍କୁ ପକ୍ଷୀ ବିଶେଷଜ୍ଞ ସନ୍ତୋଷ କୁମାର ପଣ୍ଡା ଏବଂ କ୍ଷେତ୍ର କର୍ମଚାରୀ ପ୍ରଶିକ୍ଷଣ କେନ୍ଦ୍ର ଅନୁଗୋଳର ପ୍ରଶିକ୍ଷକ ଆଶୁତୋଷ ମଲ୍ଲିକ ତାଲିମ ଦେଇଥିଲେ। ପକ୍ଷୀ ଗଣନାକୁ ଶୃଙ୍ଖଳିତ ପରିଚାଳନା କରିବା ନିମନ୍ତେ ବନଖଣ୍ଡ ଅଧିକାରୀ ପ୍ରତାପ କୋଙ୍ଗାପାଲ୍ଲୀ ଦୃଷ୍ଟି ଦେଇଥିଲେ। ସହକାରୀ ବନ ସଂରକ୍ଷକ ଲିଲୀ ଅମାତ୍ୟ ଓ କନ୍ଦନ ସିଂଙ୍କ ସହଯୋଗରେ ତଦାରଖ ଏବଂ ପରିଚାଳନା କରିଥିଲେ। ମାଲକାନଗିରି ବନଖଣ୍ଡର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନେ କାର୍ଯ୍ୟ ନିର୍ବାହ କରିଥିଲେ।

# ଗୁଣିଗାରେଡିରୁ ଜଣଙ୍କୁ ହତ୍ୟା

ମାଲକାନଗିରି, ୧୦।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପୁଣି ଗୁଣିଗାରେଡିକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗଳା କାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ତଣ୍ଡାପାଲ୍ଲୀ ଗ୍ରାମର ଲକ୍ଷ୍ମା କବାସୀ (୫୫)। ଗୁଣିଗାରେଡି ସନ୍ଦେହ କରି କେତେକ ବ୍ୟକ୍ତି ମଙ୍ଗଳବାର ତାଙ୍କୁ ଡାକିନେଇ ବେକକୁ ଧାରୁଆ ଅସ୍ତ୍ରରେ କାଟି ମୃତଦେହ ଗ୍ରାମ ନିକଟ ସାବେରୀ ନଦୀରେ ଫିଙ୍ଗି ଦେଇଥିଲେ। ରାତିରେ ଲକ୍ଷ୍ମା ଘରକୁ ଫେରିନଥିବା ବେଳେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ବୁଧବାର ସାବେରୀ ନଦୀରେ ଗୋଟିଏ ମୃତଦେହ ଭାସୁଥିବା ଦେଖି ଆଦର୍ଶ ଥାନାକୁ ଖବର ଦେଇଥିଲେ। ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲ, ଥାନା ଅଧିକାରୀ ରିଗାନ କିଣ୍ଡୋ, ଏସ୍‌ଆଇ ପ୍ରଭାତ ଗେଡ ଓ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇଥିଲେ। ଲକ୍ଷ୍ମାଙ୍କ ମୃତଦେହ ଜବତ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପରିବାରବର୍ଗଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି। ଏହା ଗୁଣି ଗାରେଡି ଯୋଗୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲିସ ପୋଲିସ କହିଛି ।

# ଦାମନଯୋଡି-ବାଇଗୁଡା ମଧ୍ୟରେ ୧୪.୬୦ କି.ମି. ରେଳ ଲାଇନ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

କୋରାପୁଟ-ରାୟଗଡା ରେଳ ଲାଇନ ଦୋହରୀକରଣ ପ୍ରକଳ୍ପର ମୋଟ ୧୬୪.୫ କି.ମି. ମଧ୍ୟରୁ କୋରାପୁଟ ଏବଂ ବାଇଗୁଡା ମଧ୍ୟରେ ୩୩.୫ କି.ମି. ଦୋହରୀକରଣ କାର୍ଯ୍ୟ ଶେଷ ହୋଇଛି। ସେହିପରି କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ଦୋହରୀକରଣ ରେଳ ଲାଇନ ପ୍ରକଳ୍ପର ଦାମନଯୋଡି ଏବଂ ବାଇଗୁଡା ଦୋହରୀକରଣ କାର୍ଯ୍ୟ ମଧ୍ୟରେ ନୂତନ ଭାବେ ନିର୍ମିତ ୧୪.୬୦ କି.ମି. ଦୋହରି ବ୍ରଡ୍‌ଗେଜ ରେଳ ଲାଇନ କାର୍ଯ୍ୟ ଶେଷ ହେବା ସହ କାର୍ଯ୍ୟକ୍ଷମ ହୋଇଛି। ରେଳ ଟ୍ରାକ, ସିଗ୍‌ନାଲିଂ ସିଷ୍ଟମ ଏବଂ ବ୍ରିଜଗୁଡିକର ସୁରକ୍ଷା ସମ୍ବନ୍ଧୀୟ ପ୍ରତ୍ୟକ ନିରାପତ୍ତା କ୍ଷେତ୍ରରେ ମୂଲ୍ୟାଙ୍କନ କରାଯାଇ ଚଳାଚଳ ସକ୍ଷମ ଘୋଷିତ କରାଯାଇଛି। ଚାଲୁ ରହିଥିବା ପ୍ରକଳ୍ପର ସ୍ଥିତି ସମୀକ୍ଷା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ସମ୍ପୃକ୍ତ ଅଧିକାରୀମାନଙ୍କୁ ରେଳ ବୋର୍ଡ ଦ୍ୱାରା ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅବଶିଷ୍ଟ ଅଂଶ ସମ୍ପୂର୍ଣ୍ଣ କରିବାକୁ କହିଛନ୍ତି। ତାଙ୍କ ସହ ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ) ଏଜି ଶ୍ରୀନିବାସ ଏବଂ ୱାଲଟିୟର ରେଳ ମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ସୌରଭ ପ୍ରକାଶ ଓ ଅନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଏକ ଟିମ୍ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ଆର୍ଥିକ ବର୍ଷରେ କୋରାପୁଟରୁ ଦାମନଯୋଡି ପର୍ଯ୍ୟନ୍ତ ୧୮.୯ କି.ମି. ଦୋହରୀକରଣ କାର୍ଯ୍ୟ କାର୍ଯ୍ୟକ୍ଷମ ହୋଇଥିଲା। ଚଳିତବର୍ଷ ଲକ୍ଷ୍ମୀପୁରରୁ ଟିକିରି ପର୍ଯ୍ୟନ୍ତ ୨୧.୭୫ କି.ମି. ଦୀର୍ଘ ରେଳମାର୍ଗ କାର୍ଯ୍ୟକ୍ଷମ ପାଇଁ ଆଶା କରାଯାଉଛି। ପାହାଡ ଓ ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ଭାଲୁମୁସ୍କାଠାରୁ ଟିକିରି ମଧ୍ୟରେ ୪୫.୮୬ କି.ମି. ଦୋହରୀକରଣ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଉଛି। ପ୍ରକଳ୍ପର ବିଭିନ୍ନ ସେକ୍ସନ ମଧ୍ୟରେ ଅନ୍ୟାନ୍ୟ ସ୍ଥାନଗୁଡିକରେ ଦୋହରୀକରଣ କାର୍ଯ୍ୟ ଚାଲୁ ରହିଥିବା ସୂଚନା ଦିଆଯାଇଛି।

# ମାଥିଲି ଶିବସାଗରରେ ବନ ବିଭାଗର ପକ୍ଷୀ ଗଣନା

**ମାଥିଲି, ୧୦।୧(ସୁବାସ ଚନ୍ଦ୍ର ଖୁଡୁପିଆ)**

ମାଲକାନଗିରି ଜିଲା ମାଥିଲି ବନ ବିଭାଗ ଦ୍ୱାରା ଶିବ ସାଗରରେ ରେଞ୍ଜର ବାସୁଦେବ ନାୟକଙ୍କ ନେତୃତ୍ୱରେ ବୁଧବାର ପକ୍ଷୀ ଗଣନା କରାଯାଇଥିଲା। ୨୦୨୪-୨୫ ଗଣନା ଅନୁସାରେ ବିଭିନ୍ନ ଜାତିର ୫୫୫୧ ସଂଖ୍ୟାରେ ପକ୍ଷୀ ଥିବା ଜଣାପଡିଛି। ସେଗୁଡିକ ମଧ୍ୟରେ ହଂସରାଳି, ପାଣିକୁଆ, ପାଣି ଡୁବୁକି, ପାଣି କୁକୁଡା,ବଡ଼ ଡାହୁକ, ବିଭିନ୍ନ ପ୍ରଜାତିର ବଗ ଓ ମାଛରଙ୍କା ଇତ୍ୟାଦି ଥିବା ଜଣାପଡିଛି। ଗଣତିରେ ରେଞ୍ଜର ଫରେଷ୍ଟର, ମୁରଲିଧର ମହାରଣା ଫରେଷ୍ଟଗାର୍ଡ ଓ ସ୍କାଡ୍ ମୋଟ ୧୨ ଜଣ ଷ୍ଟାଫ୍ ସହଯୋଗ ରହିଥିଲେ। ରେଞ୍ଜ ଅଫିସର ବାସୁଦେବ ନାୟକ ଓ ସମସ୍ତ କର୍ମଚାରୀ ଶିବସାଗର ଚତୁର ପାର୍ଶ୍ୱକୁ ବୁଲି ବୁଲି ଚଢ଼େଇଗୁଡିକର ଗଣତି କରିଥିଲେ । ଗତ ବର୍ଷ ଅପେକ୍ଷା ଏ ବର୍ଷ ନୂଆ ନୂଆ ପକ୍ଷୀ ସବୁ ଆସି ଶିବ ସାଗରରେ ଦେଖିବାକୁ ମିଳିଥିଲା।

# ଚିତ୍ରକୋଣ୍ଡା ଜଳଭଣ୍ଡାରରେ ୬୫୫ ପକ୍ଷୀ



ଚିତ୍ରକୋଣ୍ଡା,୧୦।୧(କ୍ଷୀରୋଦ ବେହେରା)

ଚଳିତ ବର୍ଷ ମାଲକାନଗିରି ଜିଲା ବନଖଣ୍ଡ ଅଧୀନ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଜଳଭଣ୍ଡାର ଭିତରେ ସ୍ପିଳବାଇ ଲଞ୍ଚ ଘାଟଠାରୁ ଆଲାମପକା ଏବଂ ଆଲାମପକାରୁ ଜାନବାଇ ଧନର୍ଯ୍ୟାୟଗୁଡ଼ା ଏବଂ ସେଇଠାରୁ ପଲଙ୍କରାଇ ପର୍ଯ୍ୟନ୍ତ ଜଳ ଭଣ୍ଡାର ନଦୀ ଭିତରେ ପକ୍ଷୀ ଗଣନା କରାଯାଇଥିଲା। ୬୫୫ ପକ୍ଷୀ ଚିହ୍ନଟ କରାଯାଇଛି। କାର୍ଯ୍ୟକ୍ରମରେ ୧୨ ଜଣ ବନ କର୍ମଚାରୀ ନିୟୋଜିତ ଥିଲେ। ଚିତ୍ରକୋଣ୍ଡା ବନପାଳ ନିରଞ୍ଜନ ସାରାକା, ଗାର୍ଡ ସଞ୍ଜୟ କୁମାର ପରିଡ଼ା, ଡିଓ ପ୍ରମୋଦ କୁମାର ବାଜିଙ୍ଗି, ବନପାଳ ସରୋଜ ଘଡ଼େଇ, ହରି ହନ୍ତାଳ, ଗାର୍ଡ ରାଜୁ ମାଡ଼କାମି, ସିମନ୍ତ ଗିରି, ଶଶାଙ୍କ ଦାଶ, ସିଦ୍ଧାନ୍ତ ରାଉତ, ବିପ୍ର ମଣ୍ଡଳ, ରାମ ଚନ୍ଦ୍ର ମାଝି ଓ ଜ୍ୟୋସ୍ନାମୟୀ ପଣ୍ଡା, ଜଣେ ଡିଏସ୍ଏସ୍, ୪ ସ୍କାଡ୍ ନିୟୋଜିତ ଥିଲେ। ପକ୍ଷୀଗୁଡିକ ଭିତରେ ଛୋଟ ପାଣିକୁଆ, ଧଳାବଗ, ବଡ଼ ପାଣିକୁଆ, କିଙ୍ଗ୍ ଫିସର, ରାଣୀବଗ,ପାଣି ଡୁବୁକି, ହାଡ଼ଗିଳା ଓ ହଂସରାଳୀ ଏଇଭଳି ମୋଟ ୬୫୫ ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବନାଞ୍ଚଳର ସମସ୍ତ ବନପାଳ ଓ ଗାର୍ଡ ପରିଚାଳନା କରିଥିଲେ ।

# ୟୁକୋ ବ୍ୟାଙ୍କ ପ୍ରତିଷ୍ଠା ଦିବସ


ୟୁକୋ ବ୍ୟାଙ୍କ କର୍ମଚାରୀମାନେ ପ୍ରତିଷ୍ଠା ଦିବସରେ କେକ୍ କାଟୁଛନ୍ତି।

ମାଲକାନଗିରି, ୧୦।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାରେ ଥିବା ୟୁକୋ ବ୍ୟାଙ୍କରେ ୮୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶାଖା ପରିଚାଳକ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ଓ କଣ୍ଟ୍ରାକ୍ଟର ଖାତାଧାରୀମାନଙ୍କୁ ନେଇ ବ୍ୟାଙ୍କରେ କେକ କାଟି ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ୟୁକୋ ବ୍ୟାଙ୍କ ୧୯୪୩ରେ ସ୍ଥାପିତ ହୋଇଥିଲା ବେଳେ ମାଲକାନଗିରି ଜିଲାରେ ୨୦୧୨ରେ ବ୍ୟାଙ୍କ କାର୍ଯ୍ୟକାରୀ ହୋଇଥିଲା। ୟୁକୋ ବ୍ୟାଙ୍କର କର୍ମଚାରୀମାନଙ୍କ ବ୍ୟବହାର ଓ କାର୍ଯ୍ୟ ଉପରେ ବିଶ୍ୱାସ ଓ ଭରସା କରି ବହୁ ଜମାଧାରୀ ଖାତା ଖୋଲି ଥିଲେ। ଏହି ଅବସରରେ ଶାଖା ପରିଚାଳକ ସୀମାଞ୍ଚଳ ଗମ୍ପା, ଶାଖା ଉପ ପରିଚାଳକ ସୁବ୍ରତ ପୂଜାରୀ, କ୍ୟାସିୟର ଶିବ ପ୍ରସାଦ ପାଢ଼ୀ, କାର୍ଯ୍ୟାଳୟ ସେବକ ରମେଶ ଓଡ଼ି, କଣ୍ଟ୍ରାକ୍ଟର ହୃଦା ରଞ୍ଜନ ସ୍ୱାଇଁ, ସୁଶୀଲ ଲେଙ୍କା,ସନ୍ତୋଷ କୁମାର ରାଉତ ଓ ପି ରାମା ରାଓଙ୍କ ଉପସ୍ଥିତିରେ କେକ କାଟି ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

# ହାବିଲଦାର କନଷ୍ଟେବଲ ସଂଘ ଶାଖା ନିର୍ବାଚନ

**ମାଲକାନଗିରି,୧୦।୧(ନୃସିଂହ ଚରଣ ମହାନ୍ତି):** ହାବିଲାଦାର କନଷ୍ଟେବଲ ସଂଘ ଶାଖା ନିର୍ବାଚନ ଆସନ୍ତା ୨୧ରେ ହେବ। ୨୦୨୦ପରଠାରୁ ନିର୍ବାଚନ ହୋଇ ନ ଥିଲା। ୩ ବର୍ଷ ପରେ ହେଉଥିବାରୁ ହାବିଲଦାର ଓ କନଷ୍ଟେବଲଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ପ୍ରଚାରରେ ମାତିଛନ୍ତି ପ୍ରାର୍ଥୀ। ଗତ ୬ ରେ ନାମାଙ୍କନ ଦାଖଲ ହୋଇଥିବା ବେଳେ ବୁଧବାର ପ୍ରତ୍ୟାହାର ଥିଲା। ସଭାପତି, ଉପ ସଭାପତି, ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ, ସହ ସମ୍ପାଦକ ଓ ଏକ୍‌ଜିକ୍ୟୁଟିଭି ମେମ୍ବର ନିର୍ବାଚନ ହେବ। ସଭାପତି ପାଇଁ ଦୁର୍ଗାପ୍ରସାଦ ଶତପଥୀ, ପ୍ରଶାନ୍ତ କୁମାର ବେହେରା, ସୁଦର୍ଶନ ପଣ୍ଡା ୩ଜଣ, ଉପ ସଭାପତି ଗୁରୁ ନାୟକ, ପବିନ କୁମାର ମଣ୍ଡଳ, ପ୍ରଫୁଲ୍ଲ ଚନ୍ଦ୍ର ଭୂପତି, ସୁଭାଗିନୀ ବାଘ, ସାଧାରଣ ସମ୍ପାଦକ ଗୌର ଚନ୍ଦ୍ର ଚାରକି, ଗୁପ୍ତ ପ୍ରସାଦ ମାଝି, ମନୋଜ କୁମାର ଖରା, କୋଷାଧ୍ୟକ୍ଷ ପାଇଁ କେଶବ ରାୟ, ପ୍ରହ୍ଲାଦ ସୀସା, ସହ ସମ୍ପାଦକ ୧ ପାଇଁ ଅଜୟ କୁମାର ଭୂମିଆ, ଇନ୍ଦ୍ରା ବାଇଟ,ସହ ସମ୍ପାଦକ ୨ ପାଇଁ ହାଡ଼ି ସୀସା, କେ.ଶିବ ରାମ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ଏକ୍‌ଜ୍ୟୁକେଟିଭି ମେମ୍ବର ପାଇଁ ମଧ ଅଭିମନ୍ୟୁ ମହାପାତ୍ର, ଅର୍ଜୁନ କୋଟିଆ, ବୁଡୁ ମାଝି, ଚିତ୍ରସେନ ନାୟକ, ଦୁଷ୍ମନ୍ତ କୁମାର ମଲ୍ଲିକ, ହର ବିଳାସ ବିଶ୍ୱାସ, କୃଷ୍ଣଚନ୍ଦ୍ର ଗୌଡ଼, ମଧୁସୂଦନ ନାୟକ, ମାୟାଧର ସାହୁ, ପଦ୍ମ ନାୟକ, ପ୍ରହ୍ଲାଦ କରସ୍ତିଆ ଓ ସଞ୍ଜୀବ ଖରା ନାମାଙ୍କନ ଦାଖଲ କରିଛନ୍ତି। ୨୧ରେ ଭୋଟ ଗ୍ରହଣ, ଗଣନା ଓ ଘୋଷଣା ୨୩, ଶପଥ ଗ୍ରହଣ ୨୪ତାରିଖରେ ହେବ ବୋଲି ନିର୍ବାଚନ ଅଧିକାରୀ ତଥା ଡ଼ିଏସ୍‌ପି ଦିନେଶ ନାୟକ ପ୍ରକାଶ କରିଛନ୍ତି।

# ଗାଡ଼ିକୁ ଧକ୍କାଦେଲା ବାଇକ୍, ଯୁବକ ମୃତ

## ୨ଘଣ୍ଟା ବିଳମ୍ବରେ ପହଞ୍ଚିଲା ଆମ୍ବୁଲାନ୍ସ

ଝରିଗାଁ,୧୦।୧(କିଶୋର ଚନ୍ଦ୍ର ମଣ୍ଡଳ):ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବଡ଼ଟେମରା ପଞ୍ଚାୟତସ୍ଥିତ ସେମିଲିଗୁଡ଼ା ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ୬ଟାରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଇଚ୍ଛାପୁର ଗ୍ରାମ ଗୋବର୍ଦ୍ଧନ ଜାନୀଙ୍କ ପୁଅ କମଳଦାସ ଜାନୀ(୧୮)। ସୂଚନାନୁଯାୟୀ, କମଳଦାସ ଭଉଣୀଙ୍କୁ ଟେଲୁଗୁଡା ଗ୍ରାମରେ ଛାଡ଼ି ବୁଧବାର ସନ୍ଧ୍ୟାରେ ନିଜ ଘରକୁ ଫେରୁଥିଲେ। ଚନ୍ଦନଧାରା ନିକଟସ୍ଥ ସେମିଲିଗୁଡ଼ା ଗ୍ରାମ ନିକଟରେ ପୂର୍ବରୁ ରାସ୍ତା କଡରେ ରହିଥିବା ଏକ ମକା ମିଲିଂ ଗାଡ଼ିକୁ ସେ ପଛପଟୁ ଧକ୍କା ଦେଇଥିଲେ। କମଳଦାସ ଗୁରୁତର ହୋଇ ପଡ଼ିଥିଲେ। ଖବରପାଇ କମଳଦାସଙ୍କ ଭଉଣୀ ଓ ଭିଣୋଇ ଘଟଣସ୍ଥଳରେ ପହଞ୍ଚି ୧୦୮ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ପ୍ରାୟ ଦୁଇ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସଟି ପହଞ୍ଚିଥିଲା । କମଳଦାସଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଏମ୍‌ଭି ୭୯, ୧୦।୧(ଭିକି ବାରିକ)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉରୁବାଲ୍ଲୀଠାରେ ବୁଧବାର ସରକାରଙ୍କ ସମନ୍ୱିତ ଯୁବ ବିକାଶ ଯୋଜନାର ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ଥିବା ବିଭିନ୍ନ କଳା ଓ ପ୍ରତିଭାର ବିକାଶ ପାଇଁ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସେବା କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ବିଦ୍ୟାଳୟ ଅଧକ୍ଷ ଗିରିଜା କିଙ୍କର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଇଓ ଅଶୋଭ ରଞ୍ଜନ ମାଳି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡି. ବିଶ୍ୱନାଥ ରେଡ୍ଡୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରେଡ୍ଡୀ କରିଥିଲେ, ଯୁବ ପ୍ରତିଭା ଦେଶର ଭବିଷ୍ୟତ। ଛାତ୍ରୀଛାତ୍ରଙ୍କୁ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସେବା ପରମ୍ପରା ଉପରେ ଅଧିକ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡ. ଦିନନାଥ ପାଢୀ, ପୁସୁଗୁଡା ସରପଞ୍ଚ ରାବା ସୀତା, ପୂର୍ବତନ ସରପଞ୍ଚ ରାବା ରାମେ, ମିଡ଼ିଆମୀ ମୁଡେ, ଦାରି ଲିଙ୍ଗା, ସୁବା ରାବା ଉରୁବାଲ୍ଲୀ ଗ୍ରାମ ସଭାପତି, କଟାମ ତମାୟା,ସିଆରସିସି ସମା ମାଡକାମୀ ଯୋଗ ଦେଇଥିଲେ।

# କଂଗ୍ରେସ ଛାଡ଼ିଲେ ରାମନାଗୁଡ଼ା ବ୍ଲକ ଅଧକ୍ଷ

ରାୟଗଡା, ୧୦।୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ରାୟଗଡା ଜିଲା କଂଗ୍ରେସ ସଭାପତିଙ୍କୁ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଥିବା ସୂଚନା ଦେଇଛନ୍ତି। କଂଗ୍ରେସ ଦଳର କାର୍ଯ୍ୟ ଓ ତାଙ୍କ ନୀତି ଆଦର୍ଶରେ ଅତିଷ୍ଠ ହୋଇ ସେ ଦଳର ପ୍ରାଥମିକ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି।

# ୪୭ କୋଟି ୫୧ ଲକ୍ଷ ବ୍ୟୟରେ ତିଆରି ହେବ ୬ ପ୍ରକଳ୍ପ

ଝରିଗାଁ,୧୦।୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ବୁଧବାର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ୪୭ କୋଟି ୫୧ ଲ ବ୍ୟୟରେ ହେବାକୁ ଥିବା ୬ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ତେଲନଦୀ ପଞ୍ଚାୟତରେ ୧କୋଟି ୭୬ଲକ୍ଷ ବ୍ୟୟରେ ପୋଲ ନିର୍ମାଣ ହେବ। ଯାହା ନାଙ୍ଗଲସିଲ ଗ୍ରାମରୁ ଆକଟସିଲକୁ ସଂଯୋଗ କରିବ। ଏହି ପୋଲ ହେଲେ ଲୋକମାନେ ସୁବିଧାରେ ଯାତାୟାତ କରିପାରିବେ। ସେହିପରି ୨୨ କୋଟି ବ୍ୟୟ ଅଟକଳରେ ୧୫ କି.ମି. ଲମ୍ବ ଗୋରମ୍ବାରୁ ପୁର୍ଲ୍ଲା ପିଡବ୍ଲୁଡି ରାସ୍ତାର ନବୀକରଣ କରାଯିବ। ଭିକ୍ଷା ପଞ୍ଚାୟତ ଅଧୀନ ଚିଙ୍ଗିଡିଗୁଡ଼ାରୁ ବାସିନୀ ମଧ୍ୟରେ ୭କୋଟି ୬୧ଲକ୍ଷ ବ୍ୟୟରେ ପୋଲ ତିଆରି ହେବ। ୬କୋଟି ୩୮ଲକ୍ଷରେ କୁହୁରାକୋଟରୁ କଲେଗାଁ ରାସ୍ତା, ୬କୋଟି ୩୬ଲକ୍ଷରେ କମ୍ପାକୁଟାଲିରୁ ଟାରଗାଁ ପର୍ଯ୍ୟନ୍ତ ରାସ୍ତା କରାଯିବା ନେଇ ଭିତିପ୍ରସ୍ତର ସ୍ଥାପନ ହୋଇଛି। ଏହାପରେ ଇଚ୍ଛାପୁର ପଞ୍ଚାୟତ ଜୁନାଗୁଡ଼ାରୁ କର୍ଲ୍ଲାପଡ଼ା ଗାଁକୁ ସଂଯୋଗ ନେଇ ୩ କୋଟି ୪୦ ଲକ୍ଷରେ ହେବାକୁ ଥିବା ପୋଲ ପାଇଁ ଶିଳାନ୍ୟାସ ସ୍ଥାପନ କରାଯାଇଅଛି । ଝରିଗାଁ ବ୍ଲକରେ ସମସ୍ତ ଉନ୍ନୟମୂଳକକାର୍ଯ୍ୟ କିପରି ଠିକ୍ ସମୟ ମଧ୍ୟରେ ଶେଷ ହେବ ସେ ନେଇ ଏମ୍‌ପି, ବିଧାୟକ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝି, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି ବିଜେଡି ବ୍ଲକ ସଭାପତି ଟିକଚାନ୍ଦ ମାଝି, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ତ୍ରମିଳା ପୂଜାରୀ, ଶ୍ୟାମସୁନ୍ଦର ନାୟକ, ଚମ୍ପାଲାଲ ପନକା, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ, ଥବିର ପୁଜାରୀ, ତ୍ରିଲୋଚନ ପାଣ୍ଡେ, ସଦାଶିବ ପଟ୍ଟନାୟକ, ଏମ୍.ଡି. ଅନିସ୍, ଜଗତ କଲାର, ପ୍ରଦୀପ ବିଶ୍ୱାସ, ଲଛମା ଗଣ୍ଡ, ମହେନ୍ଦ୍ର ପୁଜାରୀ, ମାଧବ ଭାତ୍ରା, ବାସନ୍ତି ନାୟକ, ପିଙ୍କୁ କହାଲିଆ, ଜୟା ରାଓ, ଲକ୍ଷ୍ମୀ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।


ଚିଙ୍ଗିଡିଗୁଡ଼ାରୁ ବାସିନୀ ପୋଲ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଉଛି।

# ନିଯୁକ୍ତି ପରାମର୍ଶ ଶିବିର

**କୁନ୍ଦୁରା, ୧୦।୧(ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ୍ ଅଧକ୍ଷା ରାଜେଶ୍ୱରୀ ପରଜା ମୁଖ୍ୟ ଅତିଥି, ଏବିଡିଓ ରାମପ୍ରସାଦ ଦୋରା,ମାଣିକ ପଟ୍ଟନାୟକ, ଗୁରୁକୃଷ୍ଣ ନାୟକ,ରବୀନ୍ଦ୍ର ପୁଜାରୀ ପ୍ରମୁଖ ଯୋଗଦେଇ ଥିଲେ। ଦଶମ ଓ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ଯୁବତୀଯୁବକଙ୍କ ନିମନ୍ତେ ଏହି ନିଯୁକ୍ତି ଶିବିର ଏକ ସୁବର୍ଣ୍ଣ ସୁଯୋଗ ବୋଲି ଏବିଡିଓ ରାମ ପ୍ରସାଦ ଦୋରା କହିଥିଲେ। ଶିବିରରେ ପ୍ରାୟ ୧୦୦ ଜଣ ଯୁବତୀ ଯୁବକ ପଞ୍ଜିକରଣ କରିଥିଲେ। କୋରାପୁଟ କର୍ମ ନିୟୋଜନ କେନ୍ଦ୍ର ଅଧିକାରୀ ଦିବ୍ୟଜ୍ୟୋତି ମହାପାତ୍ର, ଆମ୍ବାଗୁଡ଼ା ଆଇଟିଆଇ,ସିଏସ୍‌ଟିଆଇ କୋଟପାଡ଼, ଓଏସ୍‌ଡିଏ ଆମ୍ବାଗୁଡ଼ା ପୋଲିଟେକନିକ ଯୋଗଦେଇ ନିଯୁକ୍ତି ଯୋଜନା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଣ୍ଣପ୍ରଭା କର୍କରା, ଅସମତୀ କରଲିଆ ପ୍ରମୁଖ ଯୋଗଦେଇ ଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ମାଲକାନଗିରି,୧୦।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସଦର ମହକୁମା ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ବୁଧବାର ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ଅଧକ୍ଷତାକରି ସାଧାରଣତନ୍ତ୍ର ଦିବସ ପାଳନର ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପରେଡ ଓ ପତାକା ଉତ୍ତୋଳନ ସ୍ଥାନରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ପ୍ରଭାତରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ ଓ ଉତ୍ସବ ସ୍ଥଳରେ ସାଜସଜା ଆଦି ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ଆଲୋଚନା ହୋଇଥିଲା। ସେହିପରି ଡିଏନ୍‌କେ ଖେଳ ପଡିଆଠାରେ ୨୨, ୨୩ ଓ ୨୪ ଜାନୁଆରୀରେ ପରେଡ ଅଭ୍ୟାସ ହେବ । ୧୬ ଜାନୁଆରୀ ସୁଦ୍ଧା ସମସ୍ତ ଶିକ୍ଷାନୁଷ୍ଠାନକୁ ପରେଡରେ ଭାଗ ନେବା ପାଇଁ ତାଲିକା ପଠାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲା ଶିକ୍ଷା ବିଭାଗକୁ ସମସ୍ତ ପ୍ରତିଯୋଗିତା ଆୟୋଜନ କରିବା ପାଇଁ କୁହାଯାଇଛି। ବିଭିନ୍ନ ବିଭାଗ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରିବେ ବୋଲି ଆଲୋଚନା ହୋଇଛି। ପରେଡ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଶିଶୁ ଗୃହରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ସମସ୍ତ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ, ଜିଲାସ୍ତରୀୟ ଅଧିକାରୀ, ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନା ଚାଲିଛି।

